**ଓଡ଼ିଶା ଉଚ୍ଚ ନ୍ୟାୟାଳୟ,କଟକ**

**<u>ଡବ୍ଲ୍ୟୁ.ପି. (ସି) ସଂଖ୍ୟା 1897/ 2015</u>**

(ସଂଯୁକ୍ତ ପ୍ରଣାଳୀ ମାଧ୍ୟମରେ)

***ମେସର୍ସ ଇଣ୍ଡସିଣ୍ଡ ବ୍ୟାଙ୍କ ଲିମିଟେଡ୍, ଜି. ଏନ୍.***
***ଚେଟ୍ଟୀ ରୋଡ୍, ଚେନ୍ନାଇ*** .... ***ଆବେଦନକାରୀ***

*-ବନାମ -*

***ମହେଶ୍ୱର ରାଉତ ଏବଂ ଅନ୍ୟ ଜଣେ*** **....** ***ପ୍ରତିପକ୍ଷମାନେ***

**<u>ଏହି ମାମଲାରେ ବିଜ୍ଞ ଅଧିବକ୍ତାମାନେ ଉପସ୍ଥିତ ହୋଇଥିଲେ:</u>**

**ଆବେଦନକାରୀ ପାଇଁ** : ଶ୍ରୀଯୁକ୍ତ ପ୍ରକାଶ କୁମାର ମିଶ୍ର, ଅଧିବକ୍ତା

**ପ୍ରତିପକ୍ଷମାନଙ୍କ ପାଇଁ** : ଶ୍ରୀଯୁକ୍ତ ଚିରଞ୍ଜୟ ମହାନ୍ତି, ଅଧିବକ୍ତା

**ପୀଠାସୀନ : ନ୍ୟାୟମୂର୍ତ୍ତି ଅରିନ୍ଦମ ସିହ୍ନା**

---

**ଶୁଣାଣି ଏବଂ ରାୟ ତାରିଖ : 19.07.2023**

---

1. ଏହି ରିଟ୍ ଆବେଦନ ଦାଖଲ କରି ଆବେଦନକାରୀ ଦର୍ଶାଇଛନ୍ତି ଯେ ମଧ୍ୟସ୍ଥତା ପାଇଁ ସୁପାରିଶ କରାଯାଇଥିବା ମାମଲାରେ ସେ ଦାବିଦାର ଥିଲେ ଏବଂ ସେଥିରେ ତାଙ୍କ ପକ୍ଷେ ନିଷ୍ପତ୍ତି ହୋଇଥିଲା । ତାହାପରେ ସେ ଏହାର ନିଷ୍ପାଦନ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ କିନ୍ତୁ ତାହା ଆପତ୍ତି ହୋଇଥିବା ଆଦେଶ ଦ୍ୱାରା ଯାହା 27 ଡିସେମ୍ବର 2014 ମସିହାରେ ପାରିତ ହୋଇଥିଲା, ଖାରଜ ହୋଇଯାଇଥିଲା । ଏହି ନିର୍ଦ୍ଦେଶ ସହ ଯେ ସେ ପ୍ରମୁଖ ଦେୱାନୀ ଅଦାଲତ ଯାହାଙ୍କର କ୍ଷମତାର ପରିସର ଭିତରେ ଚେନ୍ନାଇର ମଧ୍ୟସ୍ଥତା କେନ୍ଦ୍ର ନିହିତ, ସେଠାରେ ଏ ବିଷୟଟି ଉତ୍ଥାପନ କରନ୍ତୁ ।

2. ପ୍ରତିପକ୍ଷମାନଙ୍କୁ ବିଜ୍ଞପ୍ତି ଜାରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଶ୍ରୀଯୁକ୍ତ ମହାନ୍ତି, ବିଜ୍ଞ ଅଧିବକ୍ତା ପ୍ରତିପକ୍ଷ ସଂଖ୍ୟା 1 ସନ୍ଦର୍ଭରେ ପ୍ରତିବାଦୀଙ୍କ ତରଫରୁ ଉପସ୍ଥିତ ହୋଇଥିଲେ ।

3. ଆବେଦନକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତା, ଶ୍ରୀଯୁକ୍ତ ମିଶ୍ର ଉପସ୍ଥିତ ହୋଇ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ **ଦେୱାନୀ ଆବେଦନ ସଂଖ୍ୟା 1650/2018 (ସୁନ୍ଦରାମ ଅର୍ଥ ବ୍ୟବସ୍ଥା ଲିମିଟେଡ୍ ବନାମ ଅବଦୁଲ ସମଦ** )ରେ **15 ଫେବୃଆରୀ, 2018 ର ରାୟ** ଉପରେ ନିର୍ଭର କରନ୍ତି । ତାଙ୍କର ଉକ୍ତି ଯେ, ଉକ୍ତ ନ୍ୟାୟାଳୟ ଏହି ନିଷ୍ପତ୍ତିରେ ପହଞ୍ଚିଥିଲେ ଯେ, ଏକ ଅଧିନିର୍ଣ୍ଣୟ ଏହାର କାର୍ଯ୍ୟକାରିତା ମାଧ୍ୟମରେ ପ୍ରବର୍ତ୍ତନ ନିମିତ୍ତ ମାମଲା ଦେଶର ଯେକୌଣସି ସ୍ଥାନରେ ଦାଖଲ କରାଯାଇପାରିବ, ଯେଉଁଠାରେ ଏହିପରି ଡିକ୍ରି କାର୍ଯ୍ୟକାରୀ ହୋଇପାରିବ ଏବଂ ଡିକ୍ରି ସେହି ନ୍ୟାୟାଳୟରୁ ସ୍ଥାନାନ୍ତର କରିବାର କୌଣସି ଆବଶ୍ୟକତା ନାହିଁ, ଯାହାର ମଧ୍ୟସ୍ଥତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଉପରେ ଅଧିକାରିତା ରହିବ ।

4. ଶ୍ରୀଯୁକ୍ତ ମହାନ୍ତି ଆକ୍ଷେପିତ ଆଦେଶରେ ଅନୁଚ୍ଛେଦ 12 ପ୍ରତି ଧ୍ୟାନ ଆକର୍ଷଣ କରନ୍ତି । ସେ ବକ୍ତବ୍ୟ ରଖନ୍ତି ଯେ, ନିମ୍ନ ନ୍ୟାୟାଳୟ ମଧ୍ୟସ୍ଥତା ଅଧିନିର୍ଣ୍ଣୟର ନିଷ୍ପାଦନ ପ୍ରାପ୍ତିର ପଦ୍ଧତି ସଠିକ ଭାବରେ ପ୍ରସ୍ତୁତ କରିଥିଲେ । ନ୍ୟାୟାଳୟ ପ୍ରଥମେ କହିଥିଲେ, ଯେଉଁଠାରେ ମଧ୍ୟସ୍ଥତାର ସ୍ଥାନ ନିର୍ଦ୍ଦିଷ୍ଟ ହୋଇଛି, ମଧ୍ୟସ୍ଥତା ଏବଂ ବୁଝାମଣା ଅଧିନିୟମ, 1996 ର ଧାରା 34 ଅଧୀନରେ ସେହି ନିର୍ଦ୍ଦିଷ୍ଟ ସ୍ଥାନର ମୁଖ୍ୟ ଦେୱାନୀ ନ୍ୟାୟାଳୟ ଆପତ୍ତି ଗ୍ରହଣ କରିବାର କ୍ଷମତା ପାଇଛନ୍ତି ଏବଂ ପରବର୍ତ୍ତୀ ସମୟରେ ଧାରା 36 ଅନୁଯାୟୀ, ସେହି ସମାନ ନ୍ୟାୟାଳୟ ଏହି ଅଧିନିର୍ଣ୍ଣୟକୁ ଏକ ଡିକ୍ରି ଭାବେ କାର୍ଯ୍ୟକାରୀ କରିବାର କ୍ଷମତା ପାଇଛନ୍ତି । ଦ୍ୱିତୀୟତଃ, ଯେଉଁଠି ଏପରି କୌଣସି ଉଲ୍ଲେଖ ନାହିଁ, ସେଠାରେ ମଧ୍ୟସ୍ଥତା ଚୁକ୍ତିନାମା ଧାରା 20 ଅନୁଯାୟୀ ମଧ୍ୟସ୍ଥତାର ସ୍ଥାନ ଉତ୍ପନ୍ନ ହେବ । ତଦନୁସାରେ, ସେହି ସ୍ଥାନର ମୁଖ୍ୟ ଦେୱାନୀ ନ୍ୟାୟାଳୟ ଏହି ଅଧିନିର୍ଣ୍ଣୟକୁ ଏକ ବିବେଚିତ ଡିକ୍ରି ଭାବରେ କାର୍ଯ୍ୟକାରୀ କରିବେ । ତୃତୀୟତଃ, ଯେଉଁଠାରେ ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କୌଣସି

ଆବେଦନ ପୂର୍ବରୁ ଦାଖଲ ହୋଇସାରିଛି, ଧାରା 42 ଅନୁଯାୟୀ ସେହି ନ୍ୟାୟାଳୟଙ୍କର ନିଷ୍ପାଦନ ଆବେଦନ ସମେତ ପରବର୍ତ୍ତୀ ଆବେଦନଗୁଡିକୁ ଅନ୍ତର୍ଭୁକ୍ତ କରିବାର କେବଳ ଅଧିକାରିତା ରହିବ । ଶେଷରେ, ଉପରୋକ୍ତ ତିନୋଟି ପରିସ୍ଥିତିରେ, ସମ୍ପୃକ୍ତ ମୁଖ୍ୟ ଦେୱାନୀ ନ୍ୟାୟାଳୟ ନିଷ୍ପାଦନ ଆବେଦନ ଗ୍ରହଣ କରିବା ପରେ, ଦେୱାନୀ ପ୍ରକ୍ରିୟା ସଂହିତା, 1908ର ଧାରା 39 ଅନୁଯାୟୀ ମାମଲାଟିକୁ ସ୍ଥାନାନ୍ତର କରିପାରିବେ ।

5. ସେ **(2000) 3 SCC 755** ରେ ପ୍ରକାଶିତ ହୋଇଥିବା **ଖଲିଲ ଅହମ୍ମଦ ଦାଖାନୀ ବନାମ ହାଟ୍ଟି ଗୋଲ୍ଡ ମାଇନ୍ସ କୋ. ଲିମିଟେଡ୍** ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଉପରେ ନିର୍ଭର କରି ସେ ଏହା ଉପସ୍ଥାପନ କରନ୍ତି ଯେ, ସେହି ମାମଲାରେ ନିଷ୍ପାଦନ ଆବେଦନ ପ୍ରଧାନ ଜିଲ୍ଲା ଜଜ୍, ରାଇଚୁର, କର୍ଣ୍ଣାଟକଙ୍କ ସମ୍ମୁଖରେ ଦାଖଲ କରାଯାଇଥିଲା । କାର୍ଯ୍ୟନିର୍ବାହୀ ନ୍ୟାୟାଳୟ ଦଖଲ ପରୱାନା ଜାରି କରିଥିଲେ ଏବଂ ଏହାପରେ, ଅଧିନିର୍ଣ୍ଣୟ ଋଣଗ୍ରହୀତାଙ୍କ ଦଖଲ ଆଦେଶ ଉଠାଇବା ନିବେଦନକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଅଧିନିର୍ଣ୍ଣୟ ଋଣଗ୍ରହୀତା କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏହି ଆଦେଶର ପରିବର୍ତ୍ତନ ପାଇଁ ଆବେଦନ ଦାଖଲ କରିଥିଲେ, ଯିଏ କାର୍ଯ୍ୟନିର୍ବାହୀ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରି ଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୋଧରେ ହୋଇଥିବା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ତେଣୁ, **ଖଲିଲ ଅହମ୍ମଦ** (ପୂର୍ବୋକ୍ତ) ମାମଲାରେ ବାଙ୍ଗାଲୋରର ମୁଖ୍ୟ ନ୍ୟାୟାଳୟଙ୍କ ଅଧିକାରିତା ଥିବା ଯୁକ୍ତି ଆଧାରରେ, ରାୟଚୁରର ନ୍ୟାୟାଳୟଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆଦେଶକୁ ରଦ୍ଦ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିଶ୍ଚିତ କରିଥିଲେ ।

6. **ସୁନ୍ଦରମ ଅର୍ଥ ବ୍ୟବସ୍ଥା** (ପୂର୍ବୋକ୍ତ) ଅନୁପାତରେ, ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମାପ୍ତ କରିବାରେ, ଧାରା 32 ଅଧିନିୟମର ବ୍ୟବସ୍ଥାଗୁଡ଼ିକ ପୂର୍ବବର୍ତ୍ତୀ ମଧ୍ୟସ୍ଥତା ଅଧିନିୟମ, 1940 ଠାରୁ ଏକ ଭିନ୍ନ ଗତିପଥ ଆପଣାଇଥାନ୍ତି । ପରବର୍ତ୍ତୀ ଅଧିନିୟମରେ, ଅଧିନିର୍ଣ୍ଣୟ ଅନୁଯାୟୀ ଡିକ୍ରି ପାରିତ କରିବା

ପାଇଁ ନ୍ୟାୟାଳୟରେ ସେହି ଅଧିନିର୍ଣ୍ଣୟ ଦାଖଲ କରିବା ବାଧ୍ୟତାମୂଳକ ହୋଇଛି । ସେହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଧାରା 42 ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କାର୍ଯ୍ୟ କରେ ଏବଂ ଯେତେବେଳେ ଅଧିନିର୍ଣ୍ଣୟ ପାରିତ ହେବା ପରେ କାର୍ଯ୍ୟାନୁଷ୍ଠାନ ସମାପ୍ତ ହୁଏ, ଧାରା 34 ର ଉପଧାରା (4) ଅନୁଯାୟୀ କୌଣସି ଆବେଦନ କରାଯାଇ ନ ଥିବାରୁ, ଦେଶର ଯେକୌଣସି ସ୍ଥାନରେ ନିଷ୍ପାଦନ ଆବେଦନ ଦାଖଲ କରାଯାଇପାରିବ ।

7. **ଖଲିଲ ଅହମ୍ମଦ** (ପୂର୍ବୋକ୍ତ)ରେ ହୋଇଥିବା ନିଷ୍ପତ୍ତି **ସୁନ୍ଦରମ ଅର୍ଥ ବ୍ୟବସ୍ଥା** (ପୂର୍ବୋକ୍ତ) ମାମଲାରେ ହୋଇଥିବା ପରବର୍ତ୍ତୀ ନିଷ୍ପତ୍ତିର ବିପରୀତ ନୁହେଁ । ପୂର୍ବ ନିଷ୍ପତ୍ତିରେ ନ୍ୟାୟାଳୟ ଦ୍ୱାରା ଦୁଇଟି ତଥ୍ୟମୂଳକ ସିଦ୍ଧାନ୍ତ ଲକ୍ଷ୍ୟ କରାଯାଇଥିଲା । ପ୍ରଥମତଃ, ସେହି ପୂର୍ବୋକ୍ତ **ଖଲିଲ ଅହମ୍ମଦ** ମାମଲାରେ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ମଧ୍ୟସ୍ଥତା ଚୁକ୍ତିନାମାରେ ଖଣ୍ଡ 35 ଅନୁଯାୟୀ, ଏପରି ଚୁକ୍ତି ଥିଲା ଯେ, ଅଧିନିର୍ଣ୍ଣୟର କାର୍ଯ୍ୟକାରିତା ପାଇଁ କୌଣସି ଦାବିକୁ ଗ୍ରହଣ କରିବା ନିମନ୍ତେ କେବଳ ବାଙ୍ଗାଲୋର ନ୍ୟାୟାଳୟଙ୍କ ଅଧିକାରିତା ରହିବ । ତେବେ, ଉକ୍ତ ତଥ୍ୟ ଆଧାରରେ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିନଥିଲେ । କର୍ଣ୍ଣାଟକର ରାଇଚୁରରେ ନିଷ୍ପାଦନ ଆବେଦନ ଦାଖଲ ହେବା ପୂର୍ବରୁ ଦାଖଲ ହୋଇଥିବା କାର୍ଯ୍ୟବିଧିରେ ଏହାର ଅଧିକାରିତା କ୍ଷେତ୍ର ଉପରେ ବାଙ୍ଗାଲୋରର ଦେୱାନୀ ନ୍ୟାୟାଳୟରେ ଆବେଦନ ବିଚାରାଧୀନ ଥିବାରୁ ଏହି ଆବେଦନକୁ ଖାରଜ କରାଯାଇଥିଲା । ଅଧିନିର୍ଣ୍ଣୟ ଋଣଗ୍ରହୀତା ନିଜେ ଏହି କାର୍ଯ୍ୟବିଧିକୁ ଧାରା 34 ଅନୁଯାୟୀ ଆପତ୍ତି କରିଥିଲେ । ଏହିପରି, ଖାଲି **ଖଲିଲ ଅହମ୍ମଦ** (ପୂର୍ବୋକ୍ତ) ମାମଲାରେ ହୋଇଥିବା ନିଷ୍ପତ୍ତି, **ସୁନ୍ଦରମ ଅର୍ଥ ବ୍ୟବସ୍ଥା** (ପୂର୍ବୋକ୍ତ) ମାମଲାରେ ହୋଇଥିବା ନିଷ୍ପତ୍ତି ଯେଉଁଥିରେ ପରବର୍ତ୍ତୀ ଆଇନର ଘୋଷଣା ହୋଇଛି, ସେଥିସହିତ ମେଳ ଖାଉଛି ବୋଲି ନୁହେଁ, ବରଂ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କୁ ରାୟଚୁରରେ କାର୍ଯ୍ୟନିର୍ବାହୀ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିବା ପାଇଁ ଭିନ୍ନ ଭିନ୍ନ ତଥ୍ୟ ମଧ୍ୟ ମିଳିଥିଲା ।

**8.** ଏହା ଲକ୍ଷ୍ୟ କରାଯାଏ ଯେ, **ସୁନ୍ଦରମ ଅର୍ଥ ବ୍ୟବସ୍ଥା** (ପୂର୍ବୋକ୍ତ) ମାମଲାରେ ହୋଇଥିବା ନିଷ୍ପତ୍ତି ନିମ୍ନ ନ୍ୟାୟାଳୟର ରାୟରେ ଉଲ୍ଲେଖ କରାଯାଇନଥିଲା ଯଦିଓ **ଖଲିଲ ଅହମ୍ମଦ** (ପୂର୍ବୋକ୍ତ) ମାମଲାରେ ହୋଇଥିବା ନିଷ୍ପତ୍ତିର ଉଲ୍ଲେଖ ଥିଲା ।

**9.** ଉପରୋକ୍ତ କାରଣ ପାଇଁ, ଆକ୍ଷେପିତ ଆଦେଶ ରଦ୍ଦ କରାଯାଉଛି ଏବଂ ନାକଚ କରାଯାଇ ନିଷ୍ପାଦନ ମାମଲାର ପୁନରୁଦ୍ଧାର କରାଯାଉଛି । ନିମ୍ନ ନ୍ୟାୟାଳୟକୁ ନିଷ୍ପାଦନ ମାମଲା ସହିତ ଆଗକୁ ବଢିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ।

**10.** ରିଟ ଆବେଦନର ପରିସମାପ୍ତି ହୋଇଛି ।

***(ଅରିନ୍ଦମ ସିହ୍ନା)***
***ନ୍ୟାୟମୂର୍ତ୍ତି***

*ପ୍ରଶାନ୍ତ*

HIGH COURT
ORISSA

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା: ସଙ୍ଗୀତା ସେନାପତି
ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ